ନଂ 16140

## ଓଡ଼ିଶା ସରକାର

## ସାଧାରଣ ପ୍ରଶାସନ ବିଭାଗ

## ସଂକଳ୍ପ

(ଓଡ଼ିଶା ଗେଜେଟ୍ ତା 21-6-1996 ରେ ପ୍ରକାଶିତ)

ତା 30 ମଇ 1996 ଇଶ

ବିଷୟ—ରାଜ୍ୟ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀଙ୍କ କେତେକ ଦାବି ସମ୍ପର୍କରେ ।

ଓଡ଼ିଶା ସଚିବାଳୟ ସ୍ୱଳ୍ପବେତନ ଶ୍ରେଣୀ କର୍ମଚାରୀ ସଂଘ ଓ ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ଦ୍ୱାରା କେତେକ ଦାବିକୁ ବିଚାର କରି ସରକାରଙ୍କୁ ଏକ ସୁପାରିଶ୍ ପତ୍ର ଦେବାପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଷ୍ଟାଣ୍ଡିଂ କମିଟି ଗଠିତ ହୋଇଥିଲା । ଉକ୍ତ କର୍ମଚାରୀଙ୍କର ସମସ୍ତ ଦାବିକୁ ବିଚାର କରି ଷ୍ଟାଣ୍ଡିଂ କମିଟି ସରକାରଙ୍କୁ କେତେକ ସୁପାରିଶ୍ କରିଥିଲେ । ଏହି ସୁପାରିଶକୁ ବିଚାରକୁ ନେଇ ରାଜ୍ୟ ସରକାର ଉକ୍ତ କର୍ମଚାରୀଙ୍କ କେତେକ ଦାବି ଉପରେ ନିମ୍ନମତେ ନିଷ୍ପତ୍ତି ନେଇଛନ୍ତି:—

1. ଯେଉଁ ଦିବସରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଟ୍ରେଜେରୀ ସରକାର ଭାବେ କାର୍ଯ୍ୟ କରୁଥିବେ ସେ ମାସିକ ବେତନର ଶତକଡ଼ା 10 ଭାଗ ତଥା ସର୍ବୋଚ୍ଚ 150 ଟଙ୍କା ସ୍ୱତନ୍ତ୍ର ବେତନ ପାଇବେ ।

2. ଶିକ୍ଷାଗତ ଯୋଗ୍ୟତା ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ କନିଷ୍ଠ ସହାୟକ ପଦବୀ, କନିଷ୍ଠ କିରାଣୀ ପଦବୀ ଓ କନିଷ୍ଠ ଟାଇପିଷ୍ଟ ପଦବୀ ପାଇଁ ଉଦ୍ଦିଷ୍ଟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ବସିବା ନିମନ୍ତେ ସମ୍ପୃକ୍ତ ପ୍ରାର୍ଥୀଙ୍କ ବୟସ ସୀମା ପ୍ରାର୍ଥୀଙ୍କୁ 40 ବର୍ଷ ହେବା ପର୍ଯ୍ୟନ୍ତ କୋହଳ କରାଯାଇପାରେ । ଅର୍ଥାତ ଯେଉଁ ପ୍ରାର୍ଥୀଙ୍କର ବୟସ 40 ବର୍ଷ ମଧ୍ୟରେ ହୋଇଥିବ ସେ ଏହି ସୁଯୋଗ ପାଇବେ । ସଂରକ୍ଷିତ ପଦବୀପାଇଁ ଯଦି ବୟସ ସୀମା କୋହଳର କିଛି ବ୍ୟବସ୍ଥା ଥାଏ, ତେବେ ତାହା ମଧ୍ୟ ଏହି 40 ବର୍ଷ ଭିତରେ ରହିବ । 40 ବର୍ଷ ଅତିକ୍ରମ ହେବାପରେ ଏହି ସୁଯୋଗ ମିଳିବ ନାହିଁ । ସମ୍ପୃକ୍ତ ନିୟମାବଳୀକୁ ଏହି ପ୍ରକାରେ ସଂଶୋଧନ କରାଗଲା ବୋଲି ଧରିନିଆଯିବ । ଯଥାରୀତି ନିର୍ଦ୍ଦେଶନାମା ନିର୍ଗମନ କରାଯାଉଛି ।

3. ରାତ୍ରି ଜଗୁଆଳିଙ୍କୁ ପ୍ରତ୍ୟେକ ସପ୍ତାହରେ ଗୋଟିଏ ଦିନ ସବେତନକ ଛୁଟି ଦିଆଯିବ । ତାଙ୍କ କାର୍ଯ୍ୟ ଉକ୍ତ ଦପ୍ତରର ଚତୁର୍ଥ ଶ୍ରେଣୀ କର୍ମଚାରୀ ତୁଲାଇବେ ଏବଂ ଏହା ବଦଳରେ ସେ ମଧ୍ୟ ଗୋଟିଏ ଦିନ କ୍ଷତିପୂରକ ଛୁଟି ପାଇବେ ।

**ଆଦେଶ**—ଉକ୍ତ ସଂକଳ୍ପଟିକୁ ଓଡ଼ିଶା ଗେଜେଟ୍‌ରେ ପ୍ରକାଶ କରି ଏହାର ନକଲ ସମସ୍ତ ବିଭାଗ/ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତର/ସମସ୍ତ ଜିଲ୍ଲାପାଳଙ୍କ ନିକଟକୁ ପଠାଇବାକୁ ଆଦେଶ ଦିଆଗଲା ।

ସ. କୁମାର
ସ୍ୱତନ୍ତ୍ର ଶାସନ ସଚିବ